



**ଶାନ୍ତ, ସରଳ ସ୍ୱଭାବ। ମେଳାପି ଓ ଭଦ୍ର। ରାଜନୀତିର ମଙ୍ଗ ଧରିବାକୁ ଏତିକି ଯଥେଷ୍ଟ ନଥିଲେ ବି ସେ ଓଡ଼ିଶାବାସୀଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ଏବେ ଓଡ଼ିଶା ରାଜନୀତିରେ ନୂଆ ଅଧ୍ୟାୟ ଲେଖା ହୋଇଛି। ରାଜ୍ୟର ଦାୟିତ୍ୱ ନେଇ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ନିଜର ଦୁଇ ବର୍ଷ ସଫଳତାର ସହ ପୂରଣ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୨୧ ନୂଆ ଯୋଜନା କରିଥିବା କୁହାଯାଉଛି। ଏକ ଛୋଟ ଆଦିବାସୀ ଗାଁର ସରପଞ୍ଚରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ତାଙ୍କର ଏହି ଯାତ୍ରା କେବଳ ରାଜନୈତିକ ସଂଘର୍ଷର କାହାଣୀ ନୁହେଁ, ବରଂ ନିଷ୍ଠା ଓ କଠିନ ପରିଶ୍ରମର ଏକ ଜ୍ୱଳନ୍ତ ଉଦାହରଣ। ସ୍କୁଲ୍ ପିଲାଙ୍କୁ ଶିକ୍ଷା ଦେଉଥିବା ଜଣେ ଶୃଙ୍ଖଳିତ ଗୁରୁଜୀରୁ ଆଜି ପୂରା ଓଡ଼ିଶାର ବିକାଶକୁ ସେ ମୁଖ୍ୟମନ୍ତ୍ରୀ ହୋଇ ଶୃଙ୍ଖଳିତ କରିପାରିଛନ୍ତି।**

# ଗୁରୁଜୀରୁ ମୁଖ୍ୟମନ୍ତ୍ରୀ

ସୁଶାନ୍ତ କୁମାର ଦାସ

ମୋହନ ଚରଣ ମାଝୀଙ୍କ ଜନ୍ମ ୧୯୭୨ ମସିହା ଜାନୁଆରି ୬ ତାରିଖରେ କେନ୍ଦୁଝର ଜିଲ୍ଲାର ରାଇକଳା ନାମକ ଏକ ଅଖ୍ୟାତ ପଲ୍ଲୀରେ ଏକ ସାନ୍ତାଳ ଆଦିବାସୀ ପରିବାରରେ ହୋଇଥିଲା। ତାଙ୍କ ପିତା ଗୁନାରାମ ମାଝୀ ଜଣେ ଅତି ଗରିବ ଶ୍ରେଣୀର। ଦାରିଦ୍ର୍ୟ ଓ ଅଭାବ ଅନାଟନ ଭିତରେ ବଢ଼ିଥିବା ମୋହନ ମାଝୀ କେବେବି ନିଜର ଶିକ୍ଷା ଓ ସଂସ୍କାର ସହ ସାଲିସ୍ କରିନଥିଲେ। ପାଠପଢ଼ା ସମାପ୍ତ କରିବା ପରେ ସେ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଜଣେ ଗୁରୁଜୀ ଭାବେ ପିଲାମାନଙ୍କୁ ଶିକ୍ଷାଦାନ ଦେବା ସହିତ ସେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ।

## ସରପଞ୍ଚରୁ ସିଧା ବିଧାୟକ

ସମାଜ ସେବା ପ୍ରତି ଥିବା ଆଗ୍ରହ ତାଙ୍କୁ ରାଜନୀତି ଆଡ଼କୁ ଟାଣି ଆଣିଥିଲା ଏବଂ ସେ ଖୁବ୍ ତୃଣମୂଳ ସ୍ତରରୁ ନିଜର ରାଜନୈତିକ କ୍ୟାରିୟର୍ ଆରମ୍ଭ କରିଥିଲେ । ୧୯୯୭ ମସିହାରେ ସେ ରାଇକଳା ଗାଁର ପଞ୍ଚାୟତରୁ ପ୍ରଥମ ଥର ପାଇଁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଗାଁର ବିକାଶ ପାଇଁ ତାଙ୍କର ପ୍ରତିବଦ୍ଧତା ତାଙ୍କୁ ସାଧାରଣ ଜନତାଙ୍କ ମଧ୍ୟରେ ଲୋକପ୍ରିୟ କରିଥିଲା। ମାତ୍ର ତିନି ବର୍ଷ ପରେ ୨୦୦୦ ମସିହାରେ ସେ କେନ୍ଦୁଝର ଆସନରୁ ବିଜେପି ଟିକେଟରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଲୋକଙ୍କ ସମସ୍ୟା ବୁଝିବାର ସାମର୍ଥ୍ୟ ଯୋଗୁଁ ସେ ୨୦୦୪, ୨୦୧୯ ଏବଂ ପରେ ୨୦୨୪ ମସିହାରେ ସମାନ ଆସନରୁ ୪ ଥର ବିଧାୟକ ହୋଇଥିଲେ।



## ବିରୋଧୀ ଦଳ ମୁଖ୍ୟ ସଚେତକ

ମୋହନ ମାଝୀ ଓଡ଼ିଶା ବିଜେପିର ଜଣେ ଅତ୍ୟନ୍ତ ଦକ୍ଷ ଏବଂ ସକ୍ରିୟ ସଂଗଠକ ଭାବେ ପରିଚିତ। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ତାଙ୍କର ବିପୁଳ ଜନସମର୍ଥନ ରହିଛି। ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାରେ ସେ ବିରୋଧୀ ଦଳର ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସମସ୍ୟା, ବିଶେଷ କରି ଆଦିବାସୀ, ଚାଷୀ ଏବଂ ଖଣି ଅଞ୍ଚଳର ପ୍ରସଙ୍ଗଗୁଡ଼ିକୁ ସେ ବିଧାନସଭାରେ ଶକ୍ତିଶାଳୀ ଢଙ୍ଗରେ ଉପସ୍ଥାପନ କରି ନିଜକୁ ଜଣେ ଦୃଢ଼ ନେତା ଭାବେ ପ୍ରମାଣିତ କରିଥିଲେ।

## ମୁଖ୍ୟମନ୍ତ୍ରୀ ଦାୟିତ୍ୱ

୨୦୨୪ ସାଧାରଣ ନିର୍ବାଚନ ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ଲେଖିଥିଲା। ଦୀର୍ଘ ୨୪ ବର୍ଷର ବିଜୁ ଜନତା ଦଳ ସରକାରର ପରିବର୍ତ୍ତନ ଘଟି ବିଜେପି କ୍ଷମତାକୁ ଆସିଥିଲା। ଏହି ଐତିହାସିକ ବିଜୟ ପରେ, ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି କ୍ରମେ ମୋହନ ଚରଣ ମାଝୀଙ୍କୁ ରାଜ୍ୟର ନେତୃତ୍ୱ ନେବାକୁ ସୁଯୋଗ ମିଳିଥିଲା। ଓଡ଼ିଶାର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ରାଜନୀତିରେ ନୂତନ ଆଶା ସୃଷ୍ଟି କରିଥିଲେ। ଗତ ୨ ବର୍ଷ ମଧ୍ୟରେ ସେ ରାଜ୍ୟରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି।

## କେତେ ସଫଳ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଭାବେ ନିଜର ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ଦୁର୍ନୀତିମୁକ୍ତ ଏବଂ ଲୋକାଭିମୁଖୀ ପ୍ରଶାସନ ପ୍ରଦାନ କରିବାକୁ ସେ ସବୁବେଳେ ପ୍ରାଥମିକତା ଦେଇଛନ୍ତି। କୃଷି କ୍ଷେତ୍ରର ଉନ୍ନତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଏବଂ ଆଦିବାସୀ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ପାଇଁ ନୂତନ ପ୍ରକଳ୍ପମାନ ଆରମ୍ଭ ହୋଇଛି । ସୁଭଦ୍ରା ଯୋଜନା ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ମାତୃଶକ୍ତିକୁ ସ୍ୱାବଲମ୍ବୀ କରିବା ପାଇଁ ତାଙ୍କ ସରକାର କାର୍ଯ୍ୟ କରୁଛି। ଯୁବବର୍ଗଙ୍କ ପାଇଁ ରୋଜଗାର ସୃଷ୍ଟି ଏବଂ ରାଜ୍ୟରେ ନୂଆ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି।

## ଲୋକଙ୍କ ସହ ସିଧାସଳଖ ସମ୍ପର୍କ

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଜୀବନ ଏକ ଖୋଲା ବହି ଭଳି। ତାଙ୍କର ସରଳ ବ୍ୟକ୍ତିତ୍ୱ ଏବଂ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ତାଙ୍କୁ ଆଜି ମଧ୍ୟ ଜଣେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ କରାଇଛି। ସ୍କୁଲ୍ ପିଲାଙ୍କୁ ଶିକ୍ଷା ଦେଉଥିବା ଜଣେ ଶୃଙ୍ଖଳିତ ଗୁରୁଜୀରୁ ଆଜି ପୂରା ଓଡ଼ିଶାର ବିକାଶକୁ ଶୃଙ୍ଖଳିତ କରୁଥିବା ଜଣେ ସଫଳ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଏହି ଦୁଇ ବର୍ଷର କାର୍ଯ୍ୟକାଳ ରାଜ୍ୟର ଅଗ୍ରଗତିରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା କରାଯାଉଛି।




## ବିଫଳତା ପିଛା ଛାଡୁନି

ଏହି ଦୁଇବର୍ଷ ଭିତରେ ସରକାରଙ୍କୁ କେବେ ଲୋକଙ୍କ ସରକାର ବୋଲି ସାବାସୀ ମିଳିଛି ତ, କେବେ ଆଇନଶୃଙ୍ଖଳା ପାଇଁ କଡ଼ା ସମାଲୋଚନା ସହିବାକୁ ପଡ଼ିଛି। ଅର୍ଥାତ୍ ତାଳି ଓ ଗାଳି ଉଭୟକୁ ସାଉଁଟି ରାଜ୍ୟରେ ନିଜର ଦୁଇ ବର୍ଷ ପୂରଣ କରିଛନ୍ତି ମୋହନ ସରକାର। କେବଳ ଆଇନଶୃଙ୍ଖଳା ନୁହେଁ, ବିଭିନ୍ନ ସ୍ଥାନରେ ହତ୍ୟାକାଣ୍ଡ, ଦୁଷ୍କର୍ମ, ପୋଲିସର ଥାର୍ଡ ଡିଗ୍ରୀ, ଶ୍ରୀଜଗନ୍ନାଥଙ୍କ ରଥ ବିଭ୍ରାଟ ଭଳି ଅନେକ ବିବାଦ ତାଙ୍କ ପିଛା ଛାଡୁନି। ଏବେ ସିଏମଓରୁ ୨ ଫାଇଲ ଚୋରିହେବା ଘଟଣା ଦୁଇବର୍ଷ ପରେ ଜଣାପଡ଼ିବା ପରେ ତାଙ୍କ ଉତ୍ତରଦାୟିତ୍ୱକୁ ନେଇ ବି ପ୍ରଶ୍ନ ଉଠିଛି। ଗୃହ ବିଭାଗ ଦାୟିତ୍ୱରେ ଥିଲେ ମଧ୍ୟ ୨ ବର୍ଷ ହେଲା ସେ ଫାଇଲ ଚୋରି କଥା ଜାଣିପାରିଲେନି କେମିତି ବୋଲି ପ୍ରଶ୍ନ ଉଠୁଛି। ଏପର୍ଯ୍ୟନ୍ତ ନିଗମ ନିଯୁକ୍ତି ହୋଇପାରିଲାନି କି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରିଲାନି। ତାକୁ ନେଇ ବି ମୁଖ୍ୟମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ଉଠୁଛି।

## ଲୋକାଭିମୁଖୀ ପଦକ୍ଷେପ

ମୋହନ ସରକାରଙ୍କ ପାଇଁ ଏହି ୭୩୦ ଦିନ ଥିଲା ଏକ ଶିକ୍ଷା, ଅନୁଭବ ଓ ନୂଆ ବ୍ୟବସ୍ଥା ସହ ଖାପ ଖୁଆଇବାର ପର୍ଯ୍ୟାୟ। କ୍ଷମତାକୁ ଆସିବା ମାତ୍ରେ ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ତତ୍ପରତା ଦେଖାଇଛନ୍ତି। ଧାନର ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ବୋନସ ଦେଇ ଚାଷୀଙ୍କ ମନ ଜିଣିଛନ୍ତି। ମହିଳା ସଶକ୍ତିକରଣ ପାଇଁ 'ସୁଭଦ୍ରା ଯୋଜନା', ଯୁବପିଢ଼ି ଓ ଶିକ୍ଷା ପାଇଁ 'ମାଧୋ ସିଂହ ହାତପାଣ୍ଠି' ଏବଂ 'ଗୋଦାବରୀଶ ବିଦ୍ୟାଳୟ' ଭଳି ନୂଆ ଯୋଜନାମାନ ଆରମ୍ଭ କରି ଜନସାଧାରଣଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି। ସେହିପରି ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ସକ୍ରିୟ ପଦକ୍ଷେପ ଦେଖିବାକୁ ମିଳିଛି। 'ଉତ୍କର୍ଷ ଓଡ଼ିଶା' ବାଣିଜ୍ୟ ମେଳା ମାଧ୍ୟମରେ ରାଜ୍ୟରେ ନୂଆ ନିବେଶ ଆକର୍ଷଣ ପାଇଁ ବଡ଼ ପ୍ରୟାସ ହୋଇଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ବଢ଼ିବା ଫଳରେ ରେଳ ଭିତ୍ତିଭୂମି, ବନ୍ଦର ଏବଂ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବୈପ୍ଲବିକ ଉନ୍ନତି ହୋଇଛି। ଧାର୍ମିକ ପର୍ଯ୍ୟଟନ ଓ ପ୍ରଶାସନିକ ସଂସ୍କାରକୁ ମଧ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଲକ୍ଷ୍ୟ ସ୍ପଷ୍ଟ ଅଛି ୨୦୩୬ ସୁଦ୍ଧା ରାଜ୍ୟକୁ ଏକ 'ସମୃଦ୍ଧ ଓଡ଼ିଶା'ରେ ପରିଣତ କରିବା।

## ଆଗକୁ ଅନେକ ଆହ୍ୱାନ

ସମୃଦ୍ଧ ଓଡ଼ିଶାର ଏହି ଯାତ୍ରା ପଥ ଏତେ ସହଜ ନୁହେଁ। ମୋହନଙ୍କ ବାଟରେ ଅନେକ ଆହ୍ୱାନ ବି ରହିଛି। ଏହି ଦୁଇ ବର୍ଷ ଭିତରେ ପ୍ରାଶାସନିକ ବିବାଦ ଏବଂ ଆଇନଶୃଙ୍ଖଳା ସମସ୍ୟାକୁ ନେଇ ସରକାରଙ୍କୁ ବାରମ୍ବାର ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏକଥା ସତ ଯେ, ପୁଲିସ ଜନାଭିମୁଖୀ ହେଲେ ସରକାରଙ୍କ ଛବି ଉଜ୍ଜ୍ୱଳ ହୁଏ, କିନ୍ତୁ ପୁଲିସ୍‌ର ଆଚରଣ ବିବାଦୀୟ ହେଲେ ତାହା ସରକାରଙ୍କୁ ଅଡୁଆରେ ପକାଏ, ଯାହା ଗତ କିଛି ଦିନ ହେବ ରାଜ୍ୟରେ ଦେଖିବାକୁ ମିଳିଛି। ଏଥିସହ ବେକାରୀ ସମସ୍ୟା, ଶିଳ୍ପ ପ୍ରକଳ୍ପର ମନ୍ଥର ଗତି, ଚାଷୀଙ୍କ ଆୟର ବାସ୍ତବ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରର ଅଭାବ ଭଳି ପ୍ରସଙ୍ଗ ଏବେ ବି ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇ ରହିଛି। ଲୋକେ ଏ ସବୁର ସ୍ଥାୟୀ ସମାଧାନ ଆଶାରେ ରହିଛନ୍ତି।

ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ଆହ୍ୱାନଗୁଡ଼ିକୁ ମୁଖ୍ୟମନ୍ତ୍ରୀ କିପରି ସାମ୍ନା କରିବେ ? କାରଣ ସରକାରଙ୍କ ହାତରେ ଅଛି ଆଉ ମାତ୍ର ଦୁଇ ବର୍ଷ ସମୟ। ଶେଷ ବର୍ଷଟି ସମ୍ପୂର୍ଣ୍ଣ ଭାବେ ନିର୍ବାଚନୀ ମୁଡ୍‌ରେ କଟିବ, ଯେଉଁଠି ରଚନାତ୍ମକ କାମ କରିବା ପାଇଁ ସୁଯୋଗ ବହୁତ କମ୍ ଥିବ। ଓଡ଼ିଶାରେ ଏବେ ବିରୋଧୀ ଶକ୍ତିମାନେ ମୁଣ୍ଡ ଟେକୁଛନ୍ତି । ବିଜୁ ଜନତା ଦଳ, କଂଗ୍ରେସ ଓ ନୂଆକରି ଗଢ଼ା ହୋଇଥିବା ଦଳମାନେ ସରକାରଙ୍କ ଛୋଟ ଛୋଟ ଦୋଷତ୍ରୁଟିକୁ ନେଇ ଗଣଆନ୍ଦୋଳନର ନୀଳନକ୍ସା ପ୍ରସ୍ତୁତ କରୁଛନ୍ତି। ଯଦି ସରକାର ଏକ ନିର୍ଭୁଲ୍ ଶାସନ ପଦ୍ଧତି ନଆପଣାନ୍ତି ତେବେ ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହେବା ଥୟ। କାରଣ ମୋହନ ସରକାର ଆଗରେ ଏବେ ବି ବହୁ ଚ୍ୟାଲେଞ୍ଜ ରହିଛି। ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ଏହି ସରକାର ଗତ ଦୁଇବର୍ଷ ହେଲା ରଥଯାତ୍ରାକୁ ସୁରୁଖୁରୁରେ ଚଳାଇ ପାରିନାହାନ୍ତି। କେତେବେଳେ ବଡ଼ ଠାକୁର ବଳଭଦ୍ର ମୁହଁମାଡ଼ି ପଡ଼ିଲେଣି ତ ପୁଣି କେତେବେଳେ ରଥଯାତ୍ରା ଦଳାଚକଟା ଘଟିଲାଣି। ତଥାପି ସରକାରରେ ଏକତା ଓ ସହଯୋଗ ମନୋବୃତ୍ତି ରହିଆସିଛି। କେନ୍ଦ୍ର- ରାଜ୍ୟ ଡବଲ ଇଞ୍ଜିନ ଯୋଗୁଁ ସରକାର ଆଗକୁ ଆଗକୁ ମାଡ଼ିଚାଲିଛନ୍ତି। ଆଗାମୀ ଦୁଇବର୍ଷ ହିଁ ସ୍ଥିର କରିବ ସରକାରଙ୍କ ଅସଲ ରାଜନୈତିକ ଭବିଷ୍ୟତ। ଏହି ସମୟ ହିଁ ପ୍ରମାଣ କରିବ ଯେ, ଭାରତୀୟ ଜନତା ପାର୍ଟି ଓଡ଼ିଶାରେ କେବଳ ୫ ବର୍ଷ ପାଇଁ ନା ଦୀର୍ଘସମୟ ଧରି ତିଷ୍ଠି ରହିବ।



